# ନିଶା ବିରୁଦ୍ଧରେ ନିଶାଡି - ନାରକୋଟିକ୍ ଆନୋନିମସ୍ ଜୟ ହୋ !

## ଏନ୍.ଏ.ର ଜୟଯାତ୍ରା

ଶୁଣିବାକୁ ବିସ୍ମୟ ଲାଗିପାରେ, ବିଭିନ୍ନ ଦେଶରେ ସରକାର ଆଇନାନୁମୋଦିତ ରୀତିରେ ତଥା ନିଶାବେପାରୀମାନେ ବେଆଇନ୍ ଭାବେ ନିଜନିଜର ଉଦ୍ଦେଶ୍ୟସାଧନ ପାଇଁ ମଦ, ଗଞ୍ଜେଇ, ଅଫିମ୍, ଭାଙ୍ଗ, ଚରସ୍, ହେରୋଇନ୍ ଓ ବ୍ରାଉନ୍ ସୁଗାର ଇତ୍ୟାଦି ଭଳିକି ଭଳି ନିଶାଦ୍ରବ୍ୟର ପ୍ରସାର ଘଟାଉଥିବା ବେଳେ ନିଶାଡିମାନଙ୍କର ଏକ ବିଶ୍ୱ-ବ୍ୟାପୀ ସଂଗଠନ ନିଶା ବିରୁଦ୍ଧରେ ନିଜର ନୀରବ ଅଥଚ ଦୁର୍ନିର୍ବାର ଅଭିଯାନ ଜାରି ରଖିଛି । ଏହି ଅଭିଯାନରେ ପ୍ରତ୍ୟହ ପ୍ରତି ଦେଶରେ ଶହଶହ ନିଶାଡି ଯୋଗଦେଉଛନ୍ତି ଏବଂ ନିଶାଠାରୁ ଦୂରେଇ ରହିବା ପାଇଁ ସ୍ୱେଚ୍ଛାକୃତ ସଂକଳ୍ପ ନେଉଛନ୍ତି ତଥା ପ୍ରକୃତ ପକ୍ଷେ ନିଶାକୁ ଛି କରିଦେଇ ପାରୁଛନ୍ତି । ସେହି ସଂଗଠନର ନାମ ମଧ୍ୟ ବିଚିତ୍ର - ନାର୍କୋଟିକସ୍ ଆନୋନିମସ୍ ବା ସଂକ୍ଷେପରେ ଏନ୍.ଏ, (ବେନାମୀ ନିଶାଡି) । ୧୯୪୦ ଦଶନ୍ଧିରେ ଆଲକ୍‌ହଲିକ୍ ଆନୋନିମସ୍ (ବେନାମୀ ମଦ୍ୟପ) କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ତହିଁର ଢାଞ୍ଚାକୁ ଆଧାର କରି ୧୯୫୦ଦଶନ୍ଧିର ପ୍ରାରମ୍ଭରେ ଜନ୍ମ ନେଇଥିଲା ଏନ୍.ଏ. । ବର୍ତ୍ତମାନ ଭାରତ ସମେତ ପୃଥିବୀର ୧୨୮ଟି ଦେଶରେ ଏହି ଅଭିଯାନ ମୋଟ୍ ୨୫,୦୦୦ଟି ଗୋଷ୍ଠୀ ମାଧ୍ୟମରେ କାର୍ଯ୍ୟରତ ଅଛି ଏବଂ ପ୍ରତିଦିନ ଏହାର ପ୍ରାୟ ୪୦,୦୦୦ ବୈଠକ ବସୁଛି । ଏବେ ନିକଟରେ, ଅର୍ଥାତ୍ ୨୦୦୯ ନଭେମ୍ବର ୧୨, ୧୩ ଓ ୧୪ରେ ଗ୍ୟାଙ୍ଗଟକ୍ ଠାରୁ ପ୍ରାୟ ୮୫କିମି ଦୂରରେ ଅବସ୍ଥିତ ଜୋରଥାଙ୍ଗ ଠାରେ ସିକିମ୍ କ୍ଷେତ୍ରୀୟ ଏନ୍.ଏ. କନ୍‌ଭେନସନ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ଜଣେ ଅଣ-ନିଶାଡି ପ୍ରତିନିଧି ଭାବେ ଏହି ଲେଖକ ଯୋଗଦେବାର ସୁଯୋଗ ପାଇଥିଲା । ସେଥିରେ ମୋଟ୍ ପ୍ରାୟ ୪୫୦ଜଣ ନିଶାଡି-ପ୍ରତିନିଧିଙ୍କ ଭିତରେ ଓଡିଶାରୁ ୧୫ଜଣଙ୍କ ସମେତ ଭାରତର ବିଭିନ୍ନ ପ୍ରଦେଶରୁ ତଥା ପଡୋଶୀ ନେପାଳ ଓ ଭୁଟାନ୍ ସହିତ ସୁଦୂର ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନିୟୁଜିଲାଣ୍ଡରୁ ବିଭିନ୍ନ ବୟସର, ବିଭିନ୍ନ ଧର୍ମବିଶ୍ୱାସ ଓ ବିଭିନ୍ନ ପୃଷ୍ଠଭୂମିର ଉଭୟ ପୁରୁଷ ଓ ମହିଳା ଯୋଗ ଦେଇଥିଲେ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଏହି ସମ୍ମିଳନୀର କନିଷ୍ଠତମ ନିଶାଡି ପ୍ରତିନିଧି ଥିଲା ଜଣେ ସପ୍ତମ ଶ୍ରେଣୀର ନେପାଳୀ ଛାତ୍ର, ଯାହାର ବୟସ ମାତ୍ର ୧୩ବର୍ଷ ଏବଂ ସେ ୯ବର୍ଷରୁ ହେରୋଇନ୍ ଇଂଜେକ୍ସନ୍ ନେବା ଆରମ୍ଭ କରିଥିଲା । ଏନ୍.ଏ. ଫେଲୋସିପ୍‌ରେ ଯୋଗଦେବା ସତ୍ତ୍ୱେ ଏହା ଭିତରେ ତା'ର ୪ଥର ସ୍ଖଳନ (ରିଲାପ୍ସ) ମଧ୍ୟ ଘଟିଛି, କିନ୍ତୁ ସେ ପୁଣି ସଂକଳ୍ପବଦ୍ଧ ଯେ, ଏନ୍.ଏ. ପରିବାର ସହିତ ସାମିଲ୍ ରହି ଯେମିତି ହେଲେ ଭବିଷ୍ୟତରେ ଏକ ନିର୍ମଳ (କ୍ଲିନ୍) ଜୀବନ ବିତାଇ ପାରିବ ।

## ମୁଁ ପାରିବିନି, କିନ୍ତୁ ଆମେ ପାରିବୁ

ଏହି ଅଭିଯାନର ସଫଳତା ପଛରେ ପ୍ରକୃତ ରହସ୍ୟ ହେଉଛି ଏକ ସାଧାରଣ ସତ୍ୟ- କେବଳ ଜଣେ ନିଶାଡି ଆଉ ଜଣେ ନିଶାଡିକୁ ଠିକ୍ ଭାବେ ବୁଝିପାରେ ଏବଂ ଠିକ୍ ସେହି କାରଣରୁ ଜଣେ ନିଶାଡିକୁ ନିଶା ଠାରୁ ଦୂରେଇ ନେଇ ସାଧାରଣ ଜୀବନ ସ୍ରୋତରେ ତାକୁ ମିଶାଇବାରେ ଆଉ ଜଣେ ନିର୍ମଳ (କ୍ଲିନ୍) ବା ସୁଶୀଳ (ସୋବର୍) ନିଶାଡି ହିଁ କେବଳ ସମର୍ଥ ହୋଇପାରେ । କେବେ ଜଣେ ନିଶାଡି କୌଣସି ଧର୍ମଗୁରୁର ପ୍ରବଚନ, ରାଜନେତାର ଉଦ୍‌ବୋଧନ ବା ସମାଜକର୍ମୀର ସେବା ଫଳରେ ନିଶା ବର୍ଜନ କରିଥିବାର ଦୃଷ୍ଟାନ୍ତ ନାହିଁ ; ପିତାମାତାଙ୍କର ଆକୁଳ ବିଳାପ, ଆତ୍ମୀୟସ୍ୱଜନଙ୍କ ଅନାବିଳ ସଦିଚ୍ଛା, ଗୁରୁଜନଙ୍କ ଲଗାତାର ପରାମର୍ଶ ବା ବନ୍ଧୁବର୍ଗଙ୍କ ଅକୃତ୍ରିମ ସହାନୁଭୂତି କି ଏପରିକି ପ୍ରିୟତମର ସସ୍ନେହ ନିବେଦନ ମଧ୍ୟ ଜଣେ ନିଶାଡିର ନିଶାସକ୍ତି ଆଗରେ ହାର ମାନିଆସିଛି । ଏବଂ ଏହି କାରଣରୁ ଜଣେ ନିଶାଡି ନିଜର ପରିବାର, କର୍ମସ୍ଥଳ ଏବଂ ସମଗ୍ର ସମାଜ ଠାରୁ ବିଚ୍ଛିନ୍ନ ହୋଇ କେବଳ ଅନ୍ୟ ନିଶାଡି ମାନଙ୍କ ସହ ସଂପର୍କୀତ ହୋଇପଡେ ଏବଂ ନିଶାସେବନ ମାର୍ଗରେ ଆଗେଇ ଯାଇଥାଏ ଏବଂ ତଦ୍ୱାରା ନିଜକୁ ନଷ୍ଟ କରିଦେବା ସହିତ ନିଶାସାମଗ୍ରୀ ସକାଶେ ଅର୍ଥଯୋଗାଡ କରିବାକୁ ଯାଇ ବିଭିନ୍ନ ଗୁରୁତର ଅପରାଧରେ ମଧ୍ୟ ଜଡିତ ହୋଇପଡେ । ଏନ୍.ଏ. ପରିଭାଷାରେ ଜଣେ ନିଶାଡିର ଅନ୍ତିମ ପରିଣତି ହେଉଛି ଜେଲ୍ ବା ଦାତବ୍ୟ ଅନୁଷ୍ଠାନ ବା ଶ୍ମଶାନ । ସାମୟିକ ଭାବେ ନିଶା ଛାଡିଲେ ବି ତା' ପରିଚୟ ସହିତ ନିଶାଡି' ବୋଲି ଯେଉଁ ମୋହର ଲାଗିଯାଇଥାଏ, ତା ଫଳରେ ସେ ସହଜରେ ପରିବାର କି ସମାଜରେ ଗ୍ରହଣୀୟ ହୋଇନଥାଏ । ଏଭଳି ସ୍ଥିତିରେ ସେ ପୁରାପୁରି ନିସଙ୍ଗ ଓ ହତାଶ ହୋଇ ପୁଣି ନିଶା ଭିତରେ ନିଜକୁ ବୁଡାଇ ଦେଇଥାଏ । ଏହି କାରଣରୁ ସାଧାରଣ ଲୋକେ ମନେ କରନ୍ତି ଯେ, ଯିଏ ଥରେ ନିଶା କବଳରେ ପଡିଲା, ତା'ର ଆଉ ନିସ୍ତାର ନାହିଁ । କିନ୍ତୁ ନାରକୋଟିକ୍ ଆନୋନିମସ୍ ଏହି କ୍ଷେତ୍ରରେ ହିଁ ଏକ ବିପ୍ଳବର ସୂତ୍ରପାତ କରିଛି । ଏନ୍.ଏ. ବିଶ୍ୱାସ କରେ ଯେ, ଜଣେ ନିଶାଡି ନିଜର ଦୃଢ ସଂକଳ୍ପ ଯୋଗୁଁ ହୁଏତ୍ ନିଶାସେବନ ଛାଡି ଦେଇପାରେ, କିନ୍ତୁ ସେ ଯେ ବାକୀ ଜୀବନ ନିଜ ଉପରେ ନିର୍ଭର କରି ନିଶାମୁକ୍ତ ରହିପାରେ, ତହିଁର କୌଣସି ଗ୍ୟାରେଣ୍ଟି ନାହିଁ , କାରଣ ଯେଉଁ ନିଶାର ମଜା ବର୍ଷବର୍ଷ ଧରି ତା'ର ଶିରାପ୍ରଶିରାରେ ପ୍ରବାହିତ ହୋଇଛି, ଜୀବନର ସାମାନ୍ୟ ଘାତପ୍ରତିଘାତରେ ଯେ କୌଣସି ମୁହୂର୍ତ୍ତରେ ତାହା ଜୀଇଁ ଉଠିପାରେ ଓ ପୁଣି ତାକୁ କବଳିତ କରିପାରେ । ଏହାଛଡା ଜଣେ ନିଶାଡି ନିଶାବର୍ଜ୍ଜନ କରିଥିଲେ ବି ତା'ର କାଳିମାକ୍ତ ଅତୀତ ଯୋଗୁଁ ସେ ପରିବାର ଓ ବୃହତ୍ତର ସମାଜରୁ ସେହି ପ୍ରକାର ସ୍ୱାଭାବିକ ସ୍ନେହ ଓ ମର୍ଯ୍ୟାଦା ପାଇନଥାଏ, ଯାହାକି ନିଶାଠାରୁ ଦୂରରେ ରହିଥିବା ସାଧାରଣ ଲୋକଙ୍କୁ ମିଳିଥାଏ । ତେଣୁ ଜଣେ ନିଶାଡିକୁ ଉପଯୁକ୍ତ ମାନବୀୟ ମର୍ଯ୍ୟାଦା ଦେଇ, ତଥା ସେ କୌଣସି ଶାରିରୀକ, ମାନସିକ, ପାରିବାରିକ, ବୃତ୍ତିଗତ କିମ୍ବା ସାମାଜିକ ସମସ୍ୟାର ସମ୍ମୁଖୀନ ହେଲେ ନିଶା ବିନା କିପରି ତାହାକୁ ମୁକାବିଲା କରାଯାଇ ପାରିବ, ସେ ବିଷୟରେ ତାକୁ ପରାମର୍ଶ ତଥା ସହଯୋଗ ଦେବା ପାଇଁ ଯଦି ନିଶାବର୍ଜ୍ଜନ କରିଥିବା ଅନ୍ୟ ନିଶାଡି ମାନେ ସ୍ନେହ ଓ ସହାନୁଭୂତିର ସହ ଆଗେଇ ଆସନ୍ତି, ତେବେ ଉକ୍ତ ସମସ୍ୟା-କ୍ଲିଷ୍ଟ ନିଶାଡି ଜଣକ ସେମାନଙ୍କ ମିଳିତ ସାହାଯ୍ୟ ଯୋଗୁଁ ପୁଣି ଆଉ ନିଶାଗାମୀ ହେବ ନାହିଁ । ଏହିଭଳି ଭାବନାରେ ପରିଚାଳିତ ହୋଇ ଏନ୍.ଏ.ର ନିଶାଡି-ସଭ୍ୟମାନେ ନିଶା ଠାରୁ ଦୂରେଇ ରହିବା ପାଇଁ ପରସ୍ପରକୁ ସାହାଯ୍ୟ କରିବା ସହିତ ସମାଜରେ ଆଉ ଯେଉଁମାନେ ନିଶା କବଳରେ ଛଟପଟ ହେଉଛନ୍ତି, ସେମାନଙ୍କୁ ନିଜ ଭିତରେ ସାମିଲ୍ କରିବା ପାଇଁ ସର୍ବଦା ବ୍ୟଗ୍ର ଥାଆନ୍ତି । ଏନ୍.ଏ. ଶିକ୍ଷା ଦେଇଥାଏ, ଜଣେ ନିଶାଡି ନିଜେ ନିଶାମୁକ୍ତ ରହିବାକୁ ହେଲେ ତାକୁ ଅନ୍ୟ ନିଶାଡିଙ୍କୁ ନିଶାମୁକ୍ତ କରିବାକୁ ପଡିବ । ଏହିଭଳି ପାରସ୍ପରିକ ସ୍ନେହଶ୍ରଦ୍ଧାରେ ବାନ୍ଧି ହୋଇ ଏନ୍.ଏ. ସଦସ୍ୟମାନଙ୍କର ବିଶ୍ୱବ୍ୟାପୀ ଯୌଥ ପରିବାର ଦିନକୁ ଦିନ ବଢି ବଢି ଚାଲିଛି, ଏବଂ ଭବିଷ୍ୟତରେ ଯେତେଯେତେ ନିଶାର ପ୍ରସାର ଘଟିବ, ସେତେସେତେ ଏହି ପରିବାରର ଆକାର ଓ ଶକ୍ତି ଆପେଆପେ ବଢି ଚାଲୁଥିବ, ଏଥିରେ ସନ୍ଦେହ ନାହିଁ ।

**ନେତୃତ୍ୱ ଅଛି, ନେତା ନାହାନ୍ତି**

ଏନ୍.ଏ.ର ସଭ୍ୟ ହେବାକୁ ହେଲେ କୌଣସି ସଭ୍ୟଚାନ୍ଦା କିମ୍ବା ଅନ୍ୟ କୌଣସି ନିୟମିତ ଚାନ୍ଦା ଦେବାକୁ ପଡେନାହିଁ । ସେ ନିଜର ପ୍ରକୃତ ନାମ ବା ଅନ୍ୟ ଯେ କୌଣସି ଛଦ୍ମନାମ ବ୍ୟବହାର କରି ସଭ୍ୟ ହୋଇପାରେ । ଏହାର ସଦସ୍ୟ ହେବା ପାଇଁ କେବଳ ଗୋଟିଏ ମାତ୍ର ସର୍ତ୍ତ ଅଛି- ଜଣେ ନିଶାଡି ନିଶା ଛାଡିବା ପାଇଁ ଇଚ୍ଛା ପ୍ରକଟ କରିବା । ଜଣେ ନିଶାଡି ସଭ୍ୟ ହେବା ପରେ ପୁଣି ଯଦି କୋଣସି ପରିସ୍ଥିତିରେ ପଡି ନିଶାସେବନ କରେ, ତା'ର ସଭ୍ୟପଦ ଯେ କଟିଯିବ, ତାହା ନୁହେଁ, କିନ୍ତୁ ସେ ଏନ୍.ଏ. ବୈଠକରେ ସ୍ୱତସ୍ଫୂର୍ତ୍ତ ଭାବେ ସ୍ୱୀକାର କରିବ ଯେ ତା'ର ସ୍ଖଳନ ଘଟିଛି । ଗୋଟିଏ ସ୍ଥାନୀୟ ଏନ୍.ଏ. ଗୋଷ୍ଠୀର ବୈଠକ ପ୍ରତିଦିନ ବସିଥାଏ । କିନ୍ତୁ ବୈଠକରେ ଲଗାତାର ଅନୁପସ୍ଥିତ ରହିବା କାରଣରୁ ତାକୁ କୌଣସି କୈଫିୟତ୍ ଦେବାକୁ ପଡିନଥାଏ ବା ତା'ର ସଭ୍ୟପଦ କଟିନଥାଏ । ଗୋଟିଏ ସ୍ଥାନର ଏନ୍.ଏ. ସଭ୍ୟ ପୃଥିବୀର ଯେ କୌଣସି ସ୍ଥାନରେ ପରିଚାଳିତ ହେଉଥିବା ଗୋଟିଏ ଏନ୍.ଏ. ବୈଠକରେ ଯୋଗ ଦେଇପାରିବ, ଏବଂ ଯୋଗଦାନ କରିବାର ଏକମାତ୍ର ସର୍ତ୍ତ ହେଉଛି, ସେ ନିଜକୁ ନିଶାଡି ବୋଲି ପରିଚୟ ଦେବ ଏବଂ ନିଜର ଅତୀତ ଓ ବର୍ତ୍ତମାନର ଅନୁଭୂତିକୁ ନିଃସଙ୍କୋଚରେ ପ୍ରକାଶ କରିବ । ଏନ୍.ଏ. ସଭ୍ୟମାନଙ୍କର 'ଶୁଚିତା ପ୍ରାର୍ଥନା' (ସେରିନିଟି ପ୍ରେୟାର୍), 'ବାରଟି ପଦକ୍ଷେପ' ତଥା 'ବାରଟି ପରମ୍ପରା'ରେ ଯଦିଓ 'ଈଶ୍ୱର' (ଗଡ୍) ଶବ୍ଦ ବ୍ୟବହାର କରାଯାଇଛି, କିନ୍ତୁ ଏହାର ଅର୍ଥ ନୁହେଁ ଯୀଶୁ, ଆଲ୍ଲା, ବୁଦ୍ଧ କି କୃଷ୍ଣ ଭଳି କୌଣସି ନିର୍ଦ୍ଦିଷ୍ଟ ଧର୍ମାବତାର; ବରଂ ଏଠାରେ ଈଶ୍ୱରର ଅର୍ଥ ହେଉଛି ଏକ ଉଚ୍ଚତର ଶକ୍ତି, ଯାହା ସାମନାରେ ମଣିଷର ଶକ୍ତି ସୀମିତ ଓ ଯାହା ପାଖରେ ନିଜକୁ ସମର୍ପଣ କରିବାକୁ ପଡେ । ତେଣୁ ଏନ୍.ଏ. ଏକ ଆଧ୍ୟାତ୍ମିକ ସଂଗଠନ, ଧାର୍ମିକ ସଂଗଠନ ନୁହେଁ । ଏବଂ ସେହି କାରଣରୁ ଏହାର ପରିସର ସମସ୍ତ ଧରଣର ଧର୍ମବିଶ୍ୱାସୀ ତଥା ଏପରିକି ନାସ୍ତିକ ମାନଙ୍କ ପାଇଁ ମଧ୍ୟ ସର୍ବଦା ଉନ୍ମୁକ୍ତ । ଏନ୍.ଏ.ର ଅନ୍ୟତମ ପାଠ୍ୟ 'ବାରଟି ପରମ୍ପରା'ରେ ଏହାର ସାଂଗଠନିକ ନିୟମାବଳୀର ଅବତାରଣା କରାଯାଇଛି । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏନ୍.ଏ. ତା'ର ଯାବତୀୟ ସାଂଗଠନିକ ଖର୍ଚ୍ଚ କେବଳ ଏହାର ସଭ୍ୟମାନଙ୍କ ଠାରୁ ଆଣିବ, କୌଣସି ବାହାର ବ୍ୟକ୍ତି ବା ସଂସ୍ଥା ଠାରୁ କୌଣସି ଚାନ୍ଦା ବା ଅନୁଦାନ ଗ୍ରହଣ କରିବ ନାହିଁ । ପୁଣି ଏହାର ନାମ ବା ମଞ୍ଚକୁ କୌଣସି ବାହ୍ୟ ବା ବ୍ୟବସାୟିକ ସଂସ୍ଥାର ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ । ଏହାଛଡା ଏନ୍.ଏ. ସର୍ବଦା ତା'ର ମୂଳ ଉଦ୍ଦେଶ୍ୟ- ନିଶାଡିମାନଙ୍କୁ ସାହାଯ୍ୟ କରିବା- ରେ ପ୍ରତିବଦ୍ଧ ହୋଇରହିବ ଏବଂ ରାଷ୍ଟ୍ର ବା ସମାଜର ଅନ୍ୟ କୌଣସି ପ୍ରସଙ୍ଗରେ ମୁଣ୍ଡ ଖେଳାଇବ ନାହିଁ । ପ୍ରେସ୍, ରେଡିଓ ଓ ଟେଲିଭିଜନ୍ ଭଳି ଗଣମାଧ୍ୟମରେ ଏହା ନିଜର ଆତ୍ମ-ପ୍ରଚାର ଚାହିଁବ ନାହିଁ, କାରଣ ଅନାମତ୍ୱ (ଆନୋନୋମିଟି) ହେଉଛି ଏହାର ଆଧ୍ୟାତ୍ମିକତାର ମୂଳାଧାର । ଏହି ସଂଗଠନର ବିଭିନ୍ନ କାର୍ଯ୍ୟ ସଂପାଦନ ପାଇଁ ବିଭିନ୍ନ ସ୍ତରରେ କମିଟିମାନ କାର୍ଯ୍ୟକରୁଛି, କିନ୍ତୁ ଏହାର ପାଠ୍ୟସାମଗ୍ରୀରେ ଯେପରି କୌଣସି ଲେଖକର ନାମ ମିଳିବ ନାହିଁ, ଠିକ୍ ସେପରି ଏହାର କେହି ନାମଧାରୀ ନେତା ବା ପରିଚାଳକ ନାହାନ୍ତି । ଏନ୍.ଏ. ସଂଗଠନ ବ୍ୟକ୍ତି ଅପେକ୍ଷା ସମୂହ ସତ୍ତାକୁ ସର୍ବାନ୍ତକରଣରେ ପ୍ରାଧାନ୍ୟ ଦେଇଥାଏ । ସର୍ବୋପରି ପ୍ରତି ସ୍ଥାନୀୟ ଏନ୍.ଏ. ସଂଗଠନ ନିଜ ନିଜ ବ୍ୟାପାରରେ ସଂପୂର୍ଣ୍ଣ ଭାବେ ସ୍ୱୟଂଚାଳିତ, କେବଳ ଅନ୍ୟ ଏନ୍.ଏ. ସଂଗଠନ ବା ସାମଗ୍ରୀକ ଭାବେ ଏନ୍.ଏ. ସଂଗଠନ ସହିତ ଏହାର ସଂପର୍କ କ୍ଷେତ୍ରରେ ଯାହାକିଛି ଆନ୍ତଃ-ସଂଗଠନ ସ୍ତରୀୟ ସଂଯୋଜନା ବା ଚିନ୍ତନର ସରବରାହ ଘଟିଥାଏ ।

**ମଦ ନାହିଁ, ମାଦକତା ଅଛି**

ଜଣେ ମଦ୍ୟପ ବା ନିଶାଡିକୁ ଡାକ୍ତର ଠାରୁ ଆରମ୍ଭ କରି ପରିବାର ଓ ସମାଜର ଜ୍ଞାନୀଗୁଣୀ ବ୍ୟକ୍ତିମାନେ ନିଶା ଛାଡିବା ପାଇଁ ସାଧାରଣତଃ ସଂଯମ ଓ ନିୟନ୍ତ୍ରଣ ପାଇଁ ଲଗାତାର ଉପଦେଶ ଦେଇଥାନ୍ତି, ଯାହାକି ବାସ୍ତବ କ୍ଷେତ୍ରରେ ପାଣିର ଗାର ଭଳି ନିଷ୍ଫଳ ହୋଇଥାଏ । କାରଣ, ନିଶା ନନେବା ଫଳରେ 'ପ୍ରତ୍ୟାହର ପୀଡା' ଯେ କେତେ ମାରାତ୍ମକ ତାହା ସେମାନେ ବୁଝିନଥାନ୍ତି । କିନ୍ତୁ ଏକଥା ବୁଝିଥାଏ ଆଉ ଜଣେ ନିଶାଡି । ଏକଥା ସତ, ଜଣେ ଅଭିଜ୍ଞ ଡାକ୍ତର ନିଶାରୋଗୀକୁ ଔଷଧୀୟ ଚିକିତ୍ସା ବଳରେ ସାମୟିକ ଭାବେ ଆରୋଗ୍ୟ ଦେଇପାରନ୍ତି । କିନ୍ତୁ ତା'ର ସେହି ଆରୋଗ୍ୟାବସ୍ଥା ବଜାୟ ରହିପାରିବନି, ଯଦି ସେ ଆଗାମୀ ଦିନରେ ନିଶାର ସମତୁଲ୍ୟ ମଜା ନିଜର ଜୀବନ ପ୍ରବାହ ଭିତରୁ ଲଗାତାର ନପାଏ । ଏଇଠି ରହିଛି ଏନ୍.ଏ. ଗୋଷ୍ଠୀର ଏକ ଅନବଦ୍ୟ ଭୂମିକା । ତେଣୁ ସେମାନଙ୍କର ବୈଠକ ଓ ସମ୍ମିଳନୀ ଗୁଡିକରେ ବେଶ୍ ଧୁମ୍‌ଧାମ୍‌ରେ ସଭ୍ୟମାନଙ୍କ ଦ୍ୱାରା ସମୂହ ନାଚ, ଗୀତ, ଭୋଜି ଓ କୌତୁକପ୍ରଦ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଏପରିକି ସାରାରାତି ଏହି କାର୍ଯ୍ୟକ୍ରମ ଲାଗିରହିଥାଏ । କେବଳ ସେତିକି ନୁହେଁ, ଆରୋଗ୍ୟପ୍ରାପ୍ତ ନିଶାଡି ପୁଅଝିଅଙ୍କ ଭିତରେ ପ୍ରେମ ସଂପର୍କକୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେଉଁମାନଙ୍କର କୌଣସି କଳା ବା ବୌଦ୍ଧିକ ପ୍ରତିଭା ଥିଲା ଅଥଚ ତାହା ନିଶାରୋଗ ଯୋଗୁଁ ମଳିନ ପଡିଯାଇଥିଲା, ତହିଁର ପୁନଃ-ଉନ୍ମେଷ ପାଇଁ ଏନ୍.ଏ. ମଞ୍ଚ ଏକ ଅବ୍ୟର୍ଥ ପରିବେଶ ରୂପେ କାର୍ଯ୍ୟ କରେ । ଏନ୍.ଏ.ରେ ଯୋଗଦେବା ପରେ ଅନେକ ନିଶାଡି ପୁଣି ନିଜର ଜୀବିକା, ଯୋଗ୍ୟତା ଓ ଏପରିକି ବିଚ୍ଛେଦ ହୋଇଥିବା ପ୍ରିୟଜନଙ୍କୁ ଫେରିପାଇଛନ୍ତି ବା ନୂତନ ଜୀବନସାଥୀ ପାଇ ପାରିଛନ୍ତି । ଏହି ଲେଖକ ନିଜେ ଗତ ସିକିମ୍ କ୍ଷେତ୍ର ଏନ୍.ଏ. ସମ୍ମିଳନୀରେ ଲକ୍ଷ୍ୟ କରିଛି, ବିଭିନ୍ନ ବକ୍ତୃତା ଅଧିବେଶନରେ ଯେଉଁମାନେ ଇଂରାଜୀରେ, ହିନ୍ଦୀରେ ବା ନିଜନିଜ ଭାଷାରେ ବକ୍ତବ୍ୟ ରଖୁଥିଲେ ସେମାନଙ୍କର ଭାଷାଜ୍ଞାନ ଓ ଜୀବନାନୁଭୂତି ଉପରେ ଦଖଲ ଆମର ପ୍ରତିଷ୍ଠିତ ବୁଦ୍ଧିଜୀବିମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଏଠାରେ ଉଲ୍ଲେଖନୀୟ ଯେ, ସମଗ୍ର ଏନ୍.ଏ. ସାହିତ୍ୟ, ଯାହାର ବୌଦ୍ଧିକ ଉତ୍କର୍ଷ ଅତୁଳନୀୟ, ତାହା କେବଳ ଏହାର ସଭ୍ୟମାନଙ୍କ ଦ୍ୱାରା ରଚିତ ହୋଇଛି । ସେହିପରି ଏହି ଲେଖକ ଦେଖିବାରେ ଯେଉଁମାନେ ସଂଗୀତ, ନୃତ୍ୟ ବା ବାଦ୍ୟଯନ୍ତ୍ର ପରିବେଷଣ କରୁଥିଲେ, ସେମାନଙ୍କର ନିପୁଣତା କୌଣସି ଗୁଣରେ ପେଷାଦାରୀ କଳାକାରଙ୍କ ଠାରୁ କମ୍ ନଥିଲା । ସର୍ବୋପରି କେବଳ ନିଶାରୋଗୀଙ୍କୁ ନୁହେଁ, ସମାଜର ଆର୍ତ୍ତଜନଙ୍କୁ ସେବା କରି ସେଥିରୁ ଆନନ୍ଦ ଲାଭ କରିବାର ଯେଉଁ ମହାନ୍ ମୂଲ୍ୟବୋଧ ଉପରେ ଏନ୍.ଏ. ଗୁରୁତ୍ୱ ଆରୋପ କରିଥାଏ, ତାହା ପ୍ରତି ଏନ୍.ଏ. ସଭ୍ୟ ଭିତରେ ଅଳ୍ପବହୁତ ଦେଖିବାକୁ ମିଳିବ ଏବଂ ତାହାହିଁ ନିଶାର ମଜା ତୁଳନାରେ ଜଣେ ନିଶାଡି ଭିତରେ ଅପାର ଆନନ୍ଦ ସୃଷ୍ଟି କରିଥାଏ । ମୋଟ ଉପରେ କହିଲେ, ଏନ୍.ଏ.ରୁ ମିଳୁଥିବା ସର୍ବାତ୍ମକ ନିଶା ଯେହେତୁ ପାର୍ଥିବ ନିଶା ଠାରୁ ଅଧିକ ଉତ୍କଟ, ତେଣୁ ଏହାକୁ ଚାଖିଥିବା ଜଣେ ଏନ୍.ଏ. ସଭ୍ୟ ପୁଣି ତା'ର ପୁରୁଣା ନିଶାଭ୍ୟାସକୁ ଫେରିଯିବା ଅତ୍ୟନ୍ତ ପୀଡାଦାୟକ ବୋଲି ମନେ କରେ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile-9437577546, 20th Nov. 2009**